# ଜୁଆର କମିଯିବାରୁ ଫସିଲା ବୋଟ୍


ସମୁଦ୍ରରେ ଅଟକି ରହିଥିବା ବୋଟ୍।

## ବୋଇତ ବନ୍ଦାଣ ଉତ୍ସବରେ ଜଳଯାତ୍ରା

ବାସୁଦେବପୁର, ୧୫।୧୧ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ବେଳେ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ଜୁଆର କମିଯିବାରୁ ସମୁଦ୍ରରେ ପ୍ରାୟ ୫ଘଣ୍ଟା ଧରି ଫସିରହିଲା ବୋଟ୍। ସେଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ପରେ ପ୍ରଶାସନ ପକ୍ଷରୁ ବୋଟ୍‌ରେ ଥିବା ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, ସକାଳେ ବାସୁଦେବପୁର ଚୂଡ଼ାମଣି, ଶାଶୁଭୁଆଶୁଣୀ ଜେଟି ନିକଟରେ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିଲା। ମା' ମନସା ନାମକ ଏକ ବୋଟ୍‌ରେ ପ୍ରାୟ ଶତାଧିକ ଲୋକ ସମୁଦ୍ରକୁ ଯାଇଥିବା ବେଳେ ହଠାତ୍ ଜୁଆର କମିଯିବାରୁ ଏହି ବଡ଼ ବୋଟ୍‌ଟି ଆଉ କୂଳକୁ ଫେରିପାରି ନ ଥିଲା। ପ୍ରାୟ ୫ଘଣ୍ଟା ଧରି ସମୁଦ୍ର ମୁହାଣ ନିକଟରେ ବୋଟ୍‌ଟି ଅଟକି ରହିବା ଫଳରେ ସେଥିରେ ଥିବା ଦେଖଣାହାରୀ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। ବୋଟ୍‌ରେ କେତେଜଣ ଗଣମାଧ୍ୟମ ପ୍ରତିନିଧି, ବ୍ୟାଙ୍କ କର୍ମଚାରୀ, ସ୍ଥାନୀୟ ଲୋକ, ମତ୍ସ୍ୟଜୀବୀ ଓ ଛୋଟପିଲା ଥିଲେ। ବୋଟ୍‌ଟି କୂଳକୁ ଆସିପାରୁ ନ ଥିବା ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ, ଅଗ୍ନିଶମ କର୍ମଚାରୀଙ୍କ ସହ ତହସିଲଦାର ସୌଭାଗ୍ୟ ପଣ୍ଡା ଚୂଡ଼ାମଣି ଜେଟିଠାରେ ପହଞ୍ଚିଥିଲେ। କିପରି ଉକ୍ତ ବୋଟ୍‌ରେ ଥିବା ଲୋକଙ୍କୁ ସୁରକ୍ଷିତ ଭାବେ ଅଣାଯିବ, ସେ ଦିଗରେ ତତ୍ପର ହେବା ସହ ସେମାନଙ୍କ ପାଇଁ ପାଣି ଓ ଶୁଖିଲା ଖାଦ୍ୟ ପଠାଇଥିଲେ। ଛୋଟ ଛୋଟ ଡଙ୍ଗା ପଠାଯାଇ ବୋଟ୍‌ରେ ଫସିଥିବା ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି ବୋଲି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା କହିଛନ୍ତି। ଜୁଆର ଓ ଭଟ୍ଟା ଆସିବାର ସମୟ ବ୍ୟବଧାନକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏପରି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଆଗାମୀ ବର୍ଷରେ ଏସବୁ ସମସ୍ୟା ଏଡ଼ାଇବାକୁ ପ୍ରଶାସନ ପକ୍ଷରୁ ବୋଟ୍ ମାଲିକ, ମତ୍ସ୍ୟଜୀବୀ ସଂଘ ଓ ଆୟୋଜକ କମିଟି ସହ ଆଲୋଚନା କରାଯିବ ବୋଲି ତହସିଲଦାର ପଣ୍ଡା କହିଛନ୍ତି।

## ଚାନ୍ଦବାଲିରୁ ଧାମରା ବୋଇତ ଯାତ୍ରା

ଚାନ୍ଦବାଲି, ୧୫।୧୧ (କିଷାନ ପାତ୍ର)

ବନ୍ଦର ନଗରୀ ଚାନ୍ଦବାଲିରେ ପ୍ରଥମଥର ଚାନ୍ଦବାଲି-ଧାମରା ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। କମିଟି ସଭାପତି ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଚାନ୍ଦବାଲିରୁ ୭ ସାଧବ ବୋଇତରେ ଧାମରା ବନ୍ଦରକୁ ଯାତ୍ରା କରିଥିଲେ। ସାଧବ ପୁଅ ଭାବେ ବିଜୟ ବେହେରା, ବିଳାଶ ନାୟକ, ବିଶ୍ୱମୋହନ ଜେନା, ଅଭୟ ବଳ, ବିଷ୍ଣୁ ଦାସ, ବିଜୟ ପାଢ଼ୀ ଓ ଗଙ୍ଗା ମହାନ୍ତି, ତଅପୋଇ ଭାବେ ସାଗରିକା ବିଶ୍ୱାଳ ମା' କାଳୀଙ୍କୁ ଦର୍ଶନ କରିଥିଲେ। କାଳୀ ମନ୍ଦିରଠାରୁ ଶୋଭାଯାତ୍ରାରେ ଚାନ୍ଦବାଲିସ୍ଥିତ ବୈତରଣୀ ଘାଟରେ ପହଞ୍ଚିବା ପରେ ବୋଇତରେ ଧାମରାକୁ ଯାତ୍ରା ଆରମ୍ଭ ହୋଇଥିଲା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରଜନୀ ମହାନ୍ତି, ଜୁବୁଲା ମହାନ୍ତି, ଜଗନ୍ନାଥ ରାଉତ, କମଳା ସୂତାର, ଚନ୍ଦନ ରାଉତ, କାହ୍ନୁ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଡକାୟତି କରିବାକୁ ଆସି ମାଡ଼ ଖାଇଲେ

### ୪ ଯୁବକଙ୍କୁ ପୋଲିସ ଜିମା

ବାସୁଦେବପୁର, ୧୫।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ନରସିଂହପୁର ବଜାରଠାରୁ ମୁଖ୍ୟରାସ୍ତାକୁ ଲାଗି ଥିବା ପ୍ରଫୁଲ୍ଲ ବେହେରା ନାମକ ବ୍ୟକ୍ତିଙ୍କ ଘରୁ ଡକାୟତି କରିବାକୁ ଆସିଥିବା ୪ ଯୁବକ ଲୋକଙ୍କ ହାବୁଡ଼ରେ ପଡ଼ି ମାଡ଼ ଖାଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ନିଘୁଞ୍ଚ ମାଡ଼ ମାରି ରଶିରେ ବାନ୍ଧି ଅଟକାଇବା ପରେ ବାସୁଦେବପୁର ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ଦଳର ଅନ୍ୟ ୨/୩ ଯୁବକ ଘଟଣାସ୍ଥଳରୁ ଖସି ପଳାଇ ଯାଇଛନ୍ତି।

ବିଭିନ୍ନ ମାରଣାସ୍ତ୍ର ଧରି ସେମାନେ ପ୍ରଫୁଲ୍ଲଙ୍କ କୋଠାଘରେ ପଶି ଡକାୟତି ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ପ୍ରଫୁଲ୍ଲଙ୍କ ପରିବାର ଜାଣିବା ପରେ ଗ୍ରାମର କେତେଜଣ ବ୍ୟକ୍ତି ଓ ଯୁବକଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଗ୍ରାମବାସୀ ଓ ସ୍ଥାନୀୟ ଯୁବକଙ୍କ ସୁଚିନ୍ତିତ ଯୋଜନା ବଳରେ ସେମାନେ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ୪ ଯୁବକଙ୍କ ମଧ୍ୟରୁ ୨ଜଣ ବାସୁଦେବପୁର ନିକଟସ୍ଥ ପାରା ଗ୍ରାମର ହୋଇଥିବା ବେଳେ ଅନ୍ୟ ୨ଜଣଙ୍କ ଘର କୃଷ୍ଣପୁର ଗ୍ରାମରେ। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଯେଉଁମାନେ ଏହି ଘଟଣାରେ ଫେରାର ଅଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ କେଉଁ କେଉଁ ଡକାୟତିରେ ଏହି ଗ୍ୟାଙ୍ଗ୍ ସମ୍ପୃକ୍ତ ଅଛି ସେନେଇ ତଦନ୍ତ ଚାଲିଛି। ଏକ ମାମଲା (ନଂ.୮୬୧/୨୪) ରୁଜୁ ହୋଇଥିବା ବେଳେ ୨ଟି ବାଇକ୍ ଓ କେତେକ ମାରଣାସ୍ତ୍ର ଜବତ କରାଯାଇଥିବା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## ବଡ଼ଓଷାଠାରୁ ଉତ୍ସବମୁଖର ଧବଳେଶ୍ୱର ପୀଠ


ମନ୍ଦିର ବାହାରେ ସ୍ଥାପନା ହୋଇଥିବା ୧୦ ଫୁଟ୍‌ର ଶିବଲିଙ୍ଗ।

ନଳାଙ୍ଗ, ୧୫।୧୧ (ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକ ଅଧୀନ ଆର୍‌ଏନ୍ ବେତରା ପଞ୍ଚାୟତର କପାଳୀ ରୋଡ୍ ଷ୍ଟେଶନ ନିକଟରେ ଥିବା ଧବଳେଶ୍ୱର ମନ୍ଦିର ବଡ଼ଓଷାଠାରୁ ଉତ୍ସବମୁଖର ହୋଇଛି। ବଡ଼ଓଷାଠାରୁ ୭ ଦିନ ଧରି ଏହି ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ମନ୍ଦିର ମଧ୍ୟରେ ଶିବ, ପାର୍ବତୀ, ଗଣେଶ ଓ କାର୍ତ୍ତିକଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ମନ୍ଦିର ବାହାରେ ପ୍ରାୟ ୧୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚର ବିଶାଳ ଶିବଲିଙ୍ଗ ସ୍ଥାପନା କରାଯାଇଛି। ଏଠାରେ ୭ ଦିନ ଧରି ପୂଜାର୍ଚ୍ଚନା ପରେ ଠାକୁରଙ୍କ ମୂର୍ତ୍ତି ସାଙ୍ଗକୁ ଶିବ ଲିଙ୍ଗକୁ ନଦୀରେ ବିସର୍ଜନ କରାଯାଏ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୫ ପଞ୍ଚାୟତର ହଜାର ହଜାର ଲୋକଙ୍କ ସମାଗମ ଏଠାରେ ହୋଇଥାଏ। ୨୦୦୮ରେ ଏହି ପୂଜା ଆରମ୍ଭ ହୋଇଥିଲା ବୋଲି କମିଟି ପକ୍ଷରୁ ଜଣାଯାଇଛି।

## 'ସଂସ୍କୃତି, ପରମ୍ପରା ହେଉଛି ଆମ ପରିଚୟ'

ତିହିଡ଼ି, ୧୫।୧୧ (ସଞ୍ଜିତ ବଳ)


ଅତିଥିଙ୍କ ସହ ରଙ୍ଗୋଲି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ।

ରାସପୂର୍ଣ୍ଣିମା ଅବସରରେ ତିହିଡ଼ି ଯୁବମଞ୍ଚ ପକ୍ଷରୁ ଶୁକ୍ରବାର ସ୍କୁଲ ଏବଂ କଲେଜସ୍ତରୀୟ ଛାତ୍ରୀମାନଙ୍କୁ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଜ୍ଞାନ ପ୍ରକାଶ ପାଣି ଏବଂ ଅନ୍ୟତମ ଅତିଥି ଭାବେ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ଚିତ୍ରଶିଳ୍ପୀ ଜୟନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା ଆମର ପରିଚୟ ବୋଲି କହିଥିଲେ। ସଭାପତି କୈଳାସ ବେହେରା ଅତିଥି ପରିଚୟ ଓ ସମ୍ପାଦକ ନିରଞ୍ଜନ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ୬୪ଜଣ ଭାଗ ନେଇଥିବା ବେଳେ କନିଷ୍ଠ ବର୍ଗରେ ମାନସୀ ପ୍ରିୟଦର୍ଶିନୀ ଜେନା ପ୍ରଥମ ଓ ବରିଷ୍ଠ ବର୍ଗରେ ଯାସିକା ଗୁପ୍ତା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉପସଭାପତି ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ମନୋଜ ସେନାପତି, ସଦସ୍ୟ ଜିତେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସୟଦ ମହମ୍ମଦ ରଫିକ, ରେଣୁବାଳା ନାଥ, ଅଜିତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଦସ୍ୟ ସୁବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବସନ୍ତିଆରେ ରାସପୂର୍ଣ୍ଣିମା ଉତ୍ସବ

ବନ୍ତ, ୧୫।୧୧ (ହରିନାରାୟଣ ମହାନ୍ତି)


ବସନ୍ତିଆରେ ଫ୍ରେଣ୍ଡସ୍ ୟୁଥ୍ କ୍ଲବ ପକ୍ଷରୁ ପୁଷ୍କରିଣୀରେ ବୋଇତ ବନ୍ଦାଣ।

ବନ୍ତ ବ୍ଲକ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ବସନ୍ତିଆ ଅଞ୍ଚଳ ରାସପୂର୍ଣ୍ଣିମା ପାଇଁ ଉତ୍ସବମୁଖର ହୋଇଛି। ବସନ୍ତିଆ ଗ୍ରାମ୍ୟ ପୁଷ୍କରିଣୀର ଉଭୟପାର୍ଶ୍ୱରେ ୨ ମଣ୍ଡପରେ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ପାର୍ଶ୍ୱ ବାଲୁଆଳି ଆକର୍ଷଣୀୟ ହୋଇଛି। ଉତ୍ତର ପାର୍ଶ୍ୱରେ ଫ୍ରେଣ୍ଡସ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ସାମାଜିକ କର୍ମୀ ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଛି। ଗଣେଶ ପଣ୍ଡା କଳସ ଆଣିବା ପରେ ରାଧାକୃଷ୍ଣଙ୍କ ପୂଜା କାର୍ଯ୍ୟ କୁଳମଣି ମିଶ୍ରଙ୍କ ଦ୍ୱାରା ସମ୍ପାଦନ ହୋଇଛି। କ୍ଲବର ସତ୍ୟବ୍ରତ ପଣ୍ଡା, ରଜତ ମୈକାପ, ସୁନୀଲ ମହାନ୍ତି, ବାପୁନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ, ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦକ୍ଷିଣ ପାର୍ଶ୍ୱରେ ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ହୋଇଥିଲା। ବନମାଳୀ ସାହୁ କଳସ ଆଣିବା ପରେ ଗଙ୍ଗାଧର ତିଆଡ଼ିଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଛି। ଦୁଇ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସହ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମୀନାବଜାର ପଡ଼ିଛି। ଦୁଇ କମିଟି ପକ୍ଷରୁ ଆୟୋଜିତ ଉତ୍ସବ ୭ ଦିନ ଧରି ଚାଲିବ। ସେହିପରି ବେଗନାସ୍ଥିତ ରାଧାକୃଷ୍ଣ କମିଟି ପକ୍ଷରୁ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବକୁ ସରପଞ୍ଚ ରଜନୀ ସେଠୀ ଉଦ୍‌ଘାଟନ କରିଥିଲେ। ଅନନ୍ତ ବାରିକ କଳସ ଆଣିଥିଲେ। ନବକିଶୋର ଜେନା, ରବୀନ୍ଦ୍ର ସେଠୀ, ବାପିନ ସେଠୀ, ଦିଲୀପ କୁମାର ସେଠୀ, ଚକ୍ରଧର ସେଠୀ, ହଳଧର ଜେନା, ଅଜୟ ସେଠୀ, ରଘୁନାଥ ଜେନା, ଚନ୍ଦ୍ରମଣି ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରବତ୍ସଳ ଶିକ୍ଷକ ଥିଲେ ଜଗନ୍ନାଥ

ଧାମନଗର, ୧୫।୧୧ (ସନ୍ତୋଷ କୁମାର ମହାପାତ୍ର)

ଛାତ୍ରବତ୍ସଳ ଶିକ୍ଷକ ଓ ଅନୁଷ୍ଠାନପ୍ରେମୀ ଥିଲେ ସ୍ୱର୍ଗତ ଜଗନ୍ନାଥ ରାଏ ମହାପାତ୍ର। ତାଙ୍କ ଏକାଦଶାହରେ ଧାମନଗର ଏନ୍‌ଏସିସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ଭାଜପା ଜିଲା ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଭାଜପାର ବରିଷ୍ଠ ନେତା ଶରତ ମହାନ୍ତି, ଅରବିନ୍ଦ ପତି, ବିଦ୍ୟାଧର ରାଉତ, ହରେକୃଷ୍ଣ ପାଢ଼ୀ, ବୀରେନ୍ଦ୍ର ଜେନା, ରସାନନ୍ଦ ମହାପାତ୍ର, ସଚ୍ଚିକାନ୍ତ ପଣ୍ଡା, ବାସୁଦେବ ତ୍ରିପାଠୀ, ବୈକୁଣ୍ଠ ସାହୁ, ରଜତ ପଣ୍ଡା, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ପୂର୍ବତନ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ପୁରୁଷୋତ୍ତମ ଦାଶ, ଭାସ୍କର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରାଏ ମହାପାତ୍ର ମହାତ୍ମା ଗାନ୍ଧୀ ଓ ହରେକୃଷ୍ଣ ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମୀ ଭାବେ କାର୍ଯ୍ୟ କରିଥିଲେ। ଏନ୍‌ଏସିରେ ଥିବା ପ୍ରସିଦ୍ଧ କଣ୍ଟାବଣିଆ ମଠର ମଧ୍ୟ ସେ ପ୍ରତିଷ୍ଠାତା ଥିଲେ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ଭାଜପା ନେତା ଦୀପକ ରାଏ ମହାପାତ୍ର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସ୍ୱର୍ଗତ ରାଏ ମହାପାତ୍ରଙ୍କ ମଝିଆ ପୁଅ ଅଶୋକ ରାଏ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମଧୁମେହରୁ ମୁକ୍ତି ପାଇଁ ଖାଦ୍ୟ ସଂଯମତା ଜରୁରୀ



ବାହାରିଥିବା ସଚେତନତା ଶୋଭାଯାତ୍ରା।

### ଜିଲାରୁ ୧୨୮୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା, ୯୨୩ ଚିହ୍ନଟ

ଭଦ୍ରକ, ୧୫।୧୧ (ସନାତନ ରାଉତ / ରବିନାରାୟଣ ଖିଲାର)

ମଧୁମେହ ରୋଗରୁ ମୁକ୍ତି ପାଇବା ପାଇଁ ସର୍ବପ୍ରଥମେ ଖାଦ୍ୟରେ ସଂଯମତା ରଖିବା ସହ ଯୋଗ, ପ୍ରାଣାୟମ, ଶୃଙ୍ଖଳିତ ଜୀବଚର୍ଯ୍ୟାକୁ ପ୍ରାଥମିକତା ଦେବାକୁ ପଡ଼ିବ ବୋଲି ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ଭଦ୍ରକ ଡାଇବେଟିକ୍ ଫାଉଣ୍ଡେଶନ ଓ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଭଦ୍ରକ ଶାଖା ପକ୍ଷରୁ ସହରର ପାଲ୍ଲିକା ସଭାଗୃହରେ ବିଶ୍ୱ ମଧୁମେହ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବ ସମାଜ ଯେତେ ସମ୍ଭବ ଚିନ୍ତାମୁକ୍ତ ରହିବା ସହ ସୁଷମ ଖାଦ୍ୟ, ନିୟମିତ ଯୋଗାଭ୍ୟାସ କରିବା ଦ୍ୱାରା ଆମ ଦେଶକୁ ମଧୁମେହ ମୁକ୍ତ କରାଯାଇପାରିବ ବୋଲି ଅନ୍ୟତମ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ସଚେତନତା ଶୋଭାଯାତ୍ରା ମହତାବ ଛକଠାରୁ ବାହାରି ସହର ପରିକ୍ରମା କରି ପାଲ୍ଲିକାଠାରେ ପହଞ୍ଚିଥିଲା। ଏହି ଅବସରରେ ମୋଟ ୧୨୮୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୨୩ଜଣ ମଧୁମେହ ରୋଗୀ ଚିହ୍ନଟ ହୋଇଥିଲେ। ଆଇଏମ୍‌ଏର ରାଜ୍ୟ ସଭାପତି ଡା. ଏସ୍. ଏସ୍. ଖଣ୍ଡେଲୱାଲ ଏବଂ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯାଜପୁରରୁ ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଆଇଏମ୍‌ଏ ଜିଲା ସଭାପତି ଡା. ରବୀନ୍ଦ୍ର କୁମାର ନାୟକ, ଡା. ପ୍ରଦୀପ ନାୟକ, ଡା. ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡା. ଶତ୍ରୁଘ୍ନ ହାତୀ, ଡା. ପ୍ରଭାତ ନାୟକ, ସେବାନିବୃତ୍ତ ଉପଜିଲାପାଳ ଅନିରୁଦ୍ଧ ଦାସ, ଡାଇବେଟିକ୍ ଫାଉଣ୍ଡେଶନର ଉପଦେଷ୍ଟା ଡା. ରଞ୍ଜିତ ଖଟୁଆ ପ୍ରମୁଖ ମଧୁମେହ ରୋଗ ଓ ଏହାର ନିରାକରଣ ଉପରେ କହିଥିଲେ। ଫାଉଣ୍ଡେଶନର ସମ୍ପାଦିକା ବସୁମିତ୍ରା ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ରୂପକ ବିହାରୀ ରାୟ ଓ ସମୀର ରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଅଜୟ ନାୟକ, ଲଲାଟେନ୍ଦୁ ମହାନ୍ତି, ସଂଗ୍ରାମ ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ବାବୁଲାଲ ଦାସ, ହରମୋହନ କୁଅଁର, ରମେଶ ଦାସ, ବିପ୍ଳବ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ଭଦ୍ରକ ଡାଇବେଟିକ୍ ଭଏସ୍-୨୦୨୪'କୁ ଲୋକାର୍ପଣ କରାଯାଇଥିଲା। ସାମାଜିକ କର୍ମୀ ସୁଧାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବ


ସାଧବ ପୁଅମାନଙ୍କୁ ସାଧବ ବୋହୂମାନେ ବନ୍ଦାପନା କରୁଛନ୍ତି।

ଅସୁରାଳି, ୧୫।୧୧ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ପୁରାତନ ବୋଇତ ବନ୍ଦାଣ ପରମ୍ପରାକୁ ବଜାୟ ରଖିଛି। ପଞ୍ଚାୟତର ସର୍ବପୁରାତନ ବାବା ରଘୁବର ଦାସ ମଠରେ ୮ବର୍ଷ ହେଲା ଏହି ଉତ୍ସବ ପାଳନ କରାଯାଇ ଆସୁଛି। ପଞ୍ଚାୟତର ୭ଜଣ ସାଧବ ପୁଅ ଓ ୭ ସାଧବ ବୋହୂ ବୈତରଣୀ ନଦୀରେ ବୋଇତ ବନ୍ଦାଣ ଉତ୍ସବରେ ଭାଗ ନେଇଥିଲେ। ନୌକା ସାହାଯ୍ୟରେ ବଣିଜ କରିବା ଲାଗି ଯାଇଥିବା ସାଧବ ପୁଅମାନଙ୍କୁ ସାଧବ ବୋହୂମାନେ ବନ୍ଦାପନା କରି ଘରକୁ ପାଛୋଟି ନେବାର ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସାମାଜିକ କର୍ମୀ ଡା. ସଞ୍ଜୟ ଦାସ, ଭାରତ ବିଜୟ ଦଳେଇ, ପୂର୍ବତନ ସମିତିସଭ୍ୟ ରମେଶ ବେହେରା, ପ୍ରଭଞ୍ଜନ ସାହୁ, ଶ୍ୱେତାମ୍ବରୀ ସାହୁ, ମନୋଜ ସାହୁ, ନିମାଇଁ ସାହୁ, ନୀଳମାଧବ ସାହୁ, ସରୋଜ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ସିଦ୍ଧାର୍ଥ ସାହୁ, ମନ୍ମଥ ସେଠୀ, ଓଁକାର ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ମଠରେ ୭ଦିନ ଧରି ଉତ୍ସବ ଚାଲିବାକୁ ଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

## ସମୁଦ୍ରକୁ ଯାଇ ଫେରିଲେ ସାଧବ ପୁଅ

### ସାଗରସାଥୀ ବୋଇତ ବନ୍ଦାଣ ମହୋତ୍ସବ

ବାସୁଦେବପୁର, ୧୫।୧୧ (ନାରାୟଣ ପ୍ରସାଦ ବାରିକ୍)


ସାଧବ ପୁଅଙ୍କୁ ବନ୍ଦାପନା କରାଯାଇ ସୁସଜ୍ଜିତ ବୋଟ୍‌କୁ ନିଆଯାଉଛି।

ବାସୁଦେବପୁର ଗମେଇ ନଦୀର ଚୂଡ଼ାମଣି, ଶାଶୁଭୁଆଶୁଣୀ ଘାଟରେ ୩ଦିନ ବ୍ୟାପୀ ୧୭ତମ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ-୨୦୨୪ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସାଗର ସାଥୀ ବୋଇତ ବନ୍ଦାଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଛି। ସକାଳେ ଗମେଇ ନଦୀପଠାରେ ଥିବା ଆରାଧଦେବୀ ଶାଶୁଭୁଆଶୁଣୀଙ୍କ ପୀଠରେ ୭ ସାଧବ ପୁଅଙ୍କୁ ବନ୍ଦାପନା କରାଯିବା ସହ ଶାଶୁଭୁଆଶୁଣୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ୭ ସାଧବ ପୁଅଙ୍କୁ ଶାଶୁଭୁଆଶୁଣୀ ମନ୍ଦିର ପରିସରରୁ ଗମେଇ ଘାଟ ପର୍ଯ୍ୟନ୍ତ ନିଆଯାଇଥିଲା।

ଚଳିତବର୍ଷ ଯୁବ ସାମାଜିକ କର୍ମୀ ଅସିତ୍ କୁମାର ଦାଶ, ହରିଶ୍ଚନ୍ଦ୍ର ବେହେରା, ଅଲେଖ ଯାନା, ବିଶ୍ୱରଞ୍ଜନ ପଣ୍ଡା, ମନୋଜ କୁମାର ମହାନ୍ତି, ପ୍ରଦୀପ କୁମାର ରାଉତ ଓ ସନ୍ତୋଷ କୁମାର ମହାରଣାଙ୍କୁ ସାଧବ ପୁଅ ବେଶରେ ସୁସଜ୍ଜିତ କରାଯାଇ ବନ୍ଦାପନା କରାଯାଇଥିଲା। ଏକ ସୁସଜ୍ଜିତ ବୋଟ୍‌ରେ ୭ ସାଧବ ପୁଅ ସକାଳ ୮ଟା ୪୫ ମିନିଟ୍‌ରେ ସମୁଦ୍ରକୁ ଯାଇ ୯.୪୫ ମିନିଟ୍ ସୁଦ୍ଧା ସମୁଦ୍ରରୁ ଫେରି ଆସିଥିଲେ। ଏହି ଅବସରରେ ଘୋଡ଼ାନାଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁନନ୍ଦ ମଲିକ, ସଭାପତି ଶଶୀକାନ୍ତ ନାୟକ, ସମ୍ପାଦକ ହେମନ୍ତ କୁମାର ଜେନା ଓ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ସାଧବ ପୁଅଙ୍କ ବାଣିଜ୍ୟ ସଫଳତାକୁ ମନେପକାଏ ବୋଇତ ବନ୍ଦାଣ ଉତ୍ସବ: ଉପମୁଖ୍ୟମନ୍ତ୍ରୀ

ଚାନ୍ଦବାଲି, ୧୫।୧୧ (କିଷାନ ପାତ୍ର)


ବୋଇତ ବନ୍ଦାଣ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପ୍ରାଚୀନ ଉତ୍କଳ ତଥା କଳିଙ୍ଗର ସାଧବ ପୁଅମାନଙ୍କ ବାଣିଜ୍ୟ ସଫଳତାକୁ ମନେ ପକାଏ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ଧାମରା ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଏହା କହିଥିଲେ।

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବନ୍ଦରନଗରୀ ଚାନ୍ଦବାଲିରୁ ୭ ସାଧବ ବାହାରି ସୁସଜ୍ଜିତ ବୋଇତରେ ବୈତରଣୀ ନଦୀରେ ଦୀର୍ଘ ୨୦ କି.ମି. ଜଳଯାତ୍ରା କରି ଧାମରାରେ ପହଞ୍ଚିଥିଲେ। ସେଠାରେ ସାର୍ବଜନୀନ ବୋଇତ ବନ୍ଦାଣ କମିଟି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା ଓ ଧାମରାଇ ମନ୍ଦିରରେ ସାଧବ ପୁଅ ଓ ତଅପୋଇ ପୂଜାର୍ଚ୍ଚନା କରିଥିଲେ। ପରେ ଗଙ୍ଗାମାତା ପଡ଼ିଆରେ ଆୟୋଜିତ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଦ୍‌ଘାଟକ ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ପ୍ରାଚୀନ ଉତ୍କଳର ଓଡ଼ିଆ ସାଧବ ପୁଅମାନେ ସୁଦୂର ଦ୍ୱୀପପୁଞ୍ଜକୁ ଯାଇ ବଣିଜ ବେପାର କରୁଥିଲେ। ସେମାନେ ଶିକ୍ଷା, ଦୀକ୍ଷା, ସଂସ୍କୃତି, ପରମ୍ପରା, କାରିଗରୀ ଆଦିକୁ ସବୁ ଜାଗାରେ ପହଞ୍ଚାଉଥିଲେ। ସାରା ବିଶ୍ୱ ଆମ ଦ୍ୱାରା ଆଲୋକିତ ହେଉଥିଲା ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ, ଅରିନ୍ଦମ ରାୟ, ଅନୁ ଚୌଧୁରୀ, ହରିହର ମହାପାତ୍ର, ପୁନମ ମିଶ୍ର ପ୍ରମୁଖ ଯୋଗଦେଇ ସାଧବମାନଙ୍କୁ ସମ୍ମାନିତ କରିବା ସହ ଉତ୍କଳୀୟ ପରମ୍ପରାର ବୋଇତ ବନ୍ଦାଣ ଉପରେ କହିଥିଲେ। କମିଟି ସଭାପତି ତ୍ରିଦୀବେଶ ପ୍ରଧାନ, ସମ୍ପାଦକ ପ୍ରିୟରଞ୍ଜନ ଜେନା, ସଂଯୋଜକ ଦେବେନ୍ଦ୍ର ନାୟକ, ରୁଦ୍ରପ୍ରତାପ ମହାନ୍ତି, ଅତୁଲ ଜେନା, ଅଭୟ ପତି, ଚାନ୍ଦବାଲି ବୋଇତ ବନ୍ଦାଣ କମିଟି ସଭାପତି ଉପେନ୍ଦ୍ର ରାଉଳ, କମଳାକାନ୍ତ ସୂତାର ପ୍ରମୁଖ ମଞ୍ଚାସୀନ ଥିଲେ।

# ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ







## ପୋଖରୀରେ ଭାସିଲା ୧୩୫ ଫୁଟ୍‌ର ବୋଇତ

ପଞ୍ଚଲିଙ୍ଗେଶ୍ୱର, ୧୫।୧୧ (ଲେଲିନ୍ କୁମାର ଦେ)

ବାଲେଶ୍ୱର ଜିଲା ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ତରତୁଆ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ଚଳିତବର୍ଷ କମିଟି ତରଫରୁ ୧୩୫ ଫୁଟ୍‌ର ବୋଇତ ପ୍ରସ୍ତୁତ କରି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ପୋଖରୀ ମଧ୍ୟକୁ ମେଲାଣି ଦେଇଥିଲେ। ମହୋତ୍ସବ ଦେଖିବା ପାଇଁ ଆଖପାଖର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ପୁରୁଷ ମହିଳା ପହଞ୍ଚିଥିବା ବେଳେ ପୋଖରୀର ଚତୁଃପାର୍ଶ୍ୱକୁ ଆଲୋକ ସଜ୍ଜାସଜ୍ଜି କରିଥିଲେ। କମିଟି ମେମ୍ବର ଗୋବିନ୍ଦ ନାୟକ, ଶ୍ରୀକାନ୍ତ ଧଳ, ସଞ୍ଜୟ ପ୍ରଧାନ, କାଳିଆ ବେହେରା, ଭଗିରଥ ମହାନ୍ତି, ଶତ୍ରୁଘ୍ନ ମହାନ୍ତି, ରବୀନ୍ଦ୍ର ଦାସ, ଜଗନ୍ନାଥ ଧଳ ପ୍ରମୁଖ ସଫଳତାର ସହ ଶେଷ କରିଥିଲେ।

## ମାଣିତ୍ରୀରେ ଭାସିଲା ୧୬୦ ଫୁଟ୍‌ର ଡଙ୍ଗା

ସୋର, ୧୫।୧୧ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମାଣିତ୍ରୀ ଗ୍ରାମରେ ମଦନମୋହନ ଜୀଉ କମିଟି ତରଫରୁ ୧୬୦ଫୁଟ ଲମ୍ବର ଡଙ୍ଗାକୁ ରାସପୂର୍ଣ୍ଣିମା ଅବସରରେ ଭସାଯାଇଛି। ଦୀଘ ୨୪ବର୍ଷ ଧରି ଏପରି ପରମ୍ପରାକୁ ବଜାୟ ରଖାଯାଇଛି। ଏହା ବାଉଁଶ ବତା କାଠ ଓ କନାରେ ଦୀପାବଳିଠାରୁ ଡଙ୍ଗା ନିର୍ମାଣ ଆରମ୍ଭ ହୋଇଥାଏ। ଚଳିତବର୍ଷର କାଳୀୟଦଳନ ମୁଖ୍ୟ ଆକର୍ଷଣ ହୋଇଛି। ଡଙ୍ଗାର ମୁଖ୍ୟ କାରିଗର ଉମେଶ ଚନ୍ଦ୍ର ସ୍ୱାଇଁ ହୋଇଥିବା ବେଳେ ସୁଜିତ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଫକୀରା ଶଙ୍ଖୁଆ, ବାବୁଲା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ଗ୍ରାମବାସୀଙ୍କ ଉଦ୍ୟମରେ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପ୍ରୟାସ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ତରତୁଆରେ ୧୫୦ ଫୁଟ୍ ବୋଇତ

ସୋର, ୧୫।୧୧ (ଜନ୍ମେଜୟ ମିଶ୍ର)

ାଲେଶ୍ୱର ଜିଲା ଔପଦା ବ୍ଲକ ସୋର ନିକଟସ୍ଥ ଈଶ୍ୱର ପଞ୍ଚାୟତ ତରତୁଆ ଗ୍ରାମରେ ଭସାଯାଇଛି ୧୫୦ ଫୁଟର ବୋଇତ। ଭୋର ସମୟରେ ପ୍ରଥମେ ଆତସବାଜି ଦ୍ୱାରା ପରିବେଶ ପ୍ରକମ୍ପିତ ହୋଇଥିଲା। ପରେ ନଗରକୀର୍ତ୍ତନ, ହୁଳହୁଳି ଓ ରଙ୍ଗଦୁଲ ତାଙ୍କର ଘଣ୍ଟା ଘଣ୍ଟା ଧରି କଳା ପ୍ରଦର୍ଶନ କରିଥିଲେ। ବୋଇତଟି ପଶ୍ଚିମବଙ୍ଗ କାରିଗରଙ୍କ ଦ୍ୱାରା ତିଆରି ହୋଇଥିଲା। ବୋଇତର ଓଜନ ୩ ଟନ୍‌ରୁ ଅଧିକ। ବୋଇତକୁ ଶ୍ରୀକାନ୍ତ ଧଳ, ରାଜୀବ ରାଉତ, ଗୋବିନ୍ଦ ନାୟକ, ଶତ୍ରୁଘ୍ନ ମହାନ୍ତି, ପ୍ରତାପ ବେହେରା, ସଞ୍ଜୟ ପ୍ରଧାନ, ଅନନ୍ତ ମହାନ୍ତି, ରବୀନ୍ଦ୍ର ଦାସ, ଗୌରାଙ୍ଗ ସ, ପେଟା ସ, ବସନ୍ତ ସ, କାର୍ତ୍ତିକ ଦାସ, ବସନ୍ତ ଧଳ, ଟୁନା ମହାନ୍ତି, ଭାଗିରଥି ମହାନ୍ତି, ମନୁଆ କରୁଣାକର ମହାନ୍ତି, ତପନ ଦାସ, ଭାଗବତ ନାୟକ, ରାଜେନ୍ଦ୍ର ମଳିକ, ପୁତୁ ନାୟକ, ଗାଲୁଆ ବେହେରା ଓ ବିଜୟ ମଳିକ ପ୍ରମୁଖ ତିଆରି କରିଥିଲେ।

## ସୁବର୍ଣ୍ଣରେଖାରେ ସାଧବ ପୁଅଙ୍କ ନୌବିହାର

ଭୋଗରାଇ, ୧୫।୧୧ (ପ୍ରଦୀପ ଦାସ)

ସୁବର୍ଣ୍ଣରେଖା ମୁହାଣରେ ଓଡ଼ିଆ ପୁଅର ସ୍ମୃତି ବିଜଡ଼ିତ ସାହସିକତା ଓ ଗୌରବମୟ ଐତିହ୍ୟକୁ ରୋମନ୍ଥନ କରି ଉଦ୍‌ଜୀବିତ କରିବାର ପ୍ରୟାସ ଜାରି ରଖିଆସୁଛି ଭୋଗରାଇର ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ। ଏହି ନଦୀକୂଳରେ ଅତୀତରେ ଥିଲା ଓଡ଼ିଆ ପୁଅର ସାହସୀ, ବିଶ୍ୱାସୀ ଓ କର୍ମ ତତ୍ପରତାର ମୂକସାକ୍ଷୀ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆରୁହାବୃତ୍ତି ନୋଡ଼ାଲ ଉପ୍ରା ବିଦ୍ୟାଳୟ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉଦ୍‌ଘାଟନୀ ଉତ୍ସବରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେସ୍ରା ମତପ୍ରକାଶ କରିଥିଲେ। ଉତ୍ସବ କମିଟି ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ପରିଚାଳିତ ଏହି ଉତ୍ସବର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ କମିଟି ସମ୍ପାଦକ ଦେବବ୍ରତ ଦେ। ସରପଞ୍ଚ ଗୀତାରାଣୀ ଦେ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ସତ୍ୟବାଦୀ

### ପିପିଲି ସାହାବନ୍ଦର ଉତ୍ସବ ଉଦ୍‌ଘାଟିତ

ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ନାରାୟଣ ପ୍ରସାଦ ବେହେରା ଓଡ଼ିଆ ଜାତିର ଅତୀତର ନୌବାଣିଜ୍ୟର ଐତିହ୍ୟ ବଖାଣିଥିଲେ। ଅପରାହ୍ନରେ ସୁବର୍ଣ୍ଣରେଖା ଆରୁହାବୃତ୍ତି ନଦୀ ଘାଟରୁ ସାଧବ ପୁଅ ବେଶରେ ନୌଯାତ୍ରାରେ ଯାଉଥିବା ୩ଟି ସୁସଜ୍ଜିତ ଡଙ୍ଗାରେ ୩ ଶହରୁ ଊର୍ଦ୍ଧ୍ୱ ସାଧବ ପୁଅ ସହିତ ଡଙ୍ଗାକୁ ସ୍ଥାନୀୟ ଗ୍ରାମର ଝିଅବୋହୂମାନେ ଶଙ୍ଖ ହୁଳହୁଳି, ଢାକ ଢୋଲ, ସାହାନାଇ ବାଦ୍ୟ ସହିତ ଫୁଲ ଚନ୍ଦନ, ଦୀପ ସହ ବୋଇତ ବନ୍ଦାପନା କରି ଶୁଭ ମନାସିଥିଲେ।

## ଶୂନ୍ୟମଣ୍ଡପରେ ପଞ୍ଚକ ମେଳା

### ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଖଇରା, ୧୫।୧୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଐତିହାସିକ ଶୂନ୍ୟମଣ୍ଡପରେ ପଞ୍ଚକ ମେଳାରେ ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଗଣ ମଧୁସାଗରରେ ସ୍ନାନ କରିବା ପରେ ଶୂନ୍ୟବ୍ରହ୍ମଙ୍କୁ ଆରାଧନା କରିବା ସହ ଦିବଂଗତ ପ୍ରଭାକର ବାବାଙ୍କ ଦର୍ଶନ କରିଥିଲେ। ପଣ୍ଡିତମାନଙ୍କ ଦ୍ୱାରା ଦିବସବ୍ୟାପୀ ଯଜ୍ଞକର୍ମର ଆୟୋଜନ କରାଯାଇଥିଲା। ବର୍ତ୍ତମାନର ସଞ୍ଚାଳକ ରାଜୁ ବାବା ଧାଡିରେ ଆସୁଥିବା ଭକ୍ତମାନଙ୍କୁ ଆଶିଷ ପ୍ରଦାନ କରିଥିଲେ। କୁପାରୀ ହାଇସ୍କୁଲର ଜେଆରସି, କୁପାରୀ କଲେଜ ଜାତୀୟ ସେବା ଯୋଜନାର



ଶ୍ରଦ୍ଧାଳୁମାନେ ଶୂନ୍ୟବ୍ରହ୍ମଙ୍କୁ ଦର୍ଶନ କରୁଛନ୍ତି।

ଛାତ୍ରୀଛାତ୍ର, ଜନହିତ ଯୁବକ ସଂଘ, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, କାଦବରାଙ୍ଗର ଉତ୍କଳ ଯୁବକ ସଂଘ, ଟାଟା ପାୱାରର ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ଧାଡି ବ୍ୟବସ୍ଥା, ପାନୀୟଜଳ ଓ ଜୋତାଷ୍ଟାଣ୍ଡର ସୁବିଧା କରାଯାଇଥିଲା। ଯୁବ ସଙ୍ଗଠକ ବସନ୍ତ କୁମାର ଜେନା, ଶ୍ରୀକାନ୍ତ ଦାସ ତଥା ଭଦ୍ରକ ଜିଲା ଭାଜପା ମହିଳାମୋର୍ଚ୍ଚା ସଭାପତି ପଙ୍କଜିନୀ ଲେଙ୍କାଙ୍କ ସହିତ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଗୁପ୍ତା, ସମ୍ପାଦକ କ୍ଷୀରୋଦ କୁମାର ମହାରଣା, ଉପସଭାପତି ବିଭୂତି ଭୂଷଣ ରାଉତ, କଳିଙ୍ଗ ସ୍ୱାଇଁ, ବିଷ୍ଣୁପଦ ବହଳୀ, ଅକ୍ଷୟ ଜେନା ପ୍ରମୁଖ ମେଳାକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ। ବିଶିଷ୍ଟ କଂଗ୍ରେସ ନେତା ରବୀନ୍ଦ୍ର ଶତପଥି ଓ ପୂର୍ବତନ ସରପଞ୍ଚ ବିଷ୍ଣୁ ଘଡେଇଙ୍କ ଦ୍ୱାରା ପ୍ରସାଦ ବଣ୍ଟନ କରାଯାଇଥିଲା।

## ଚାନ୍ଦିପୁର ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର, ୧୫।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁର ସମୁଦ୍ର ବେଳାଭୂମିରେ ୩୦ତମ ଚାନ୍ଦିପୁର ବୋଇତ ବନ୍ଦାଣ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବୋଇତ ବନ୍ଦାଣ କମିଟି ସଭାପତି ତଥା ବିଧାୟକ ପଦ୍ମଲୋଚନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଚାନ୍ଦିପୁର ବିସ୍ତୃତ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ସରକାରୀସ୍ତରରେ ପ୍ରୟାସ ଜାରି ରହିବ। ଏହାକୁ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବକ୍ତବ୍ୟରେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, କଂଗ୍ରେସର ବିଧାୟିକା ପ୍ରାର୍ଥିନୀ ଇଂ. ମୋନାଲିସା ସାମଲ, ସରପଞ୍ଚ ତପନ ଯେନା ଯୋଗଦେଇ ସାଧବ ପୁଅଙ୍କ ନୌବାଣିଜ୍ୟ ପରମ୍ପରା ଇତିହାସର ସ୍ମୃତି ରୋମନ୍ଥନ କରିଥିଲେ। ବୋଇତ ବନ୍ଦାଣ କମିଟିର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ମୟୂରଭଞ୍ଜ

## ବାଙ୍ଗିରିପୋଷି ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ

ବାଙ୍ଗିରିପୋଷି, ୧୫।୧୧ (ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦିଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟା ପ୍ରଣତୀ ଦାସମହାପାତ୍ର ଓ ସ୍ୱପ୍ନାମୟୀ ମହାନ୍ତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗୁରୁମା ମୃଣ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ପ୍ରଭାତୀବାଳା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଗୁରୁମା ଗୁରୁଜୀ ଏବଂ ସେବିକାମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## କୋଣାର୍କ ଏକ୍ସପ୍ରେସ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

ବାରିପଦା, ୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୁମ୍ବାଇ-ଭୁବନେଶ୍ୱର ମଧ୍ୟରେ ଯାତାୟାତ କରୁଥିବା କୋଣାର୍କ ଏକ୍ସପ୍ରେସକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ଦାବି କରାଯାଇଛି। ଏନେଇ ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମୁମ୍ବାଇ ଗସ୍ତ ସମୟରେ ସେଠାରେ ରହୁଥିବା ଓଡ଼ିଆ ସମାଜର ସଦସ୍ୟମାନେ ଭେଟି ଭୁବନେଶ୍ୱରରୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁମ୍ବାଇରେ ପାଖାପାଖି ୫୦ହଜାର ଓଡ଼ିଆ ଲୋକ ବସବାସ ରହୁଛନ୍ତି। ଏଥିମଧ୍ୟରୁ ପ୍ରାୟ



ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୫୦ ପ୍ରତିଶତ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ମୂଳ ବାସିନ୍ଦା ଅଟନ୍ତି। ଉତ୍ତର ଓଡ଼ିଶାରୁ ମୁମ୍ବାଇକୁ ସିଧାସଳଖ ଟ୍ରେନ ନ ଥିବା କାରଣରୁ ସମସ୍ତେ ଭୁବନେଶ୍ୱରକୁ ଆସି କୋଣାର୍କ ଏକ୍ସପ୍ରେସ ଦେଇ ଯାତ୍ରା କରିଥାନ୍ତି। ଏଥିପାଇଁ ବନ୍ଧୁ ବାନ୍ଧବ ଓ ପରିବାର ଲୋକଙ୍କୁ ନେଇ ଯାତାୟାତ ସମୟରେ ଅନ୍ୟ ଟ୍ରେନ ଧରି ପୂର୍ବରୁ ପହଞ୍ଚିବା ସହ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଭଳି ନାନା ଅସୁବିଧା ସମ୍ମୁଖୀନ ହେବାକୁ ପଡିଥାଏ। ରେଲୱେର ଆଧୁନିକୀକରଣ ହେଉଥିବା ବେଳେ ମୁମ୍ବାଇରୁ ବାଲେଶ୍ୱର ପର୍ଯ୍ୟନ୍ତ ଗୋଟିଏ ବି ସିଧାସଳଖ ଟ୍ରେନ ଚଳପ୍ରଚଳ କରୁନାହିଁ। ଏଣୁ ୧୧୦୧୯/୧୧୦୨୦ନଂ. କୋଣାର୍କ ଏକ୍ସପ୍ରେସ ଟ୍ରେନଟିକୁ ଯଥାଶୀଘ୍ର ଭୁବନେଶ୍ୱରରୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳପ୍ରଚଳ ପାଇଁ ମୀରା ଭୟଣ୍ଡାର ଓଡ଼ିଆ ସେଲ ଅଧ୍ୟକ୍ଷ ମୁକ୍ତିକାନ୍ତ ବାରିକ ଓ ସଦସ୍ୟମାନେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବୈଶିଙ୍ଗା ଡାକ୍ତରଖାନା ପରିଦର୍ଶନ



ଡାକ୍ତରଖାନା ପରିଦର୍ଶନ ବେଳେ ଉପସ୍ଥିତ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

ବୈଶିଙ୍ଗା, ୧୫।୧୧ (ରତନ ଦାଶ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅନୁରୋଧ କ୍ରମେ ମନ୍ତ୍ରୀ ମହାଲିଙ୍ଗ ସମସ୍ୟା ଜର୍ଜରିତ ଏହି ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ଅବସରରେ ପାରମ୍ପରିକ ନୃତ୍ୟ ବାଦ୍ୟଯନ୍ତ୍ରର ତାଳେତାଳେ ସ୍ଥାନୀୟ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟସ୍‌କେନ୍ଦ୍ରରେ ପରିଣତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖୁବ୍ ଶୀଘ୍ର ଏ ବାବଦରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହିତ ମୟୂରଭଞ୍ଜ ସିଡିଏମଓ ଡା. ପ୍ରଭାତ କୁମାର ବେହେରା, ଏଡିଏମଓ ଡା. ବିଜୟ କୁମାର ଦାସ, ମୟୂରଭଞ୍ଜ ଜିଲା ଓବିସି ମୋର୍ଚ୍ଚାର ସଭାପତି ବ୍ରଜମୋହନ ବେହେରା ପ୍ରମୁଖ ଡାକ୍ତରଖାନା ପରିଦର୍ଶନ କରିଥିଲେ। ୩୦ ବର୍ଷ ଧରି ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ସଂଘର୍ଷ ଚଳାଇ ଆସିଥିବା ସମ୍ପର୍କରେ ବୈଶିଙ୍ଗା ବଜାର ବଣିକ ସଂଘର ଉପଦେଷ୍ଟା ପ୍ରଶାନ୍ତ କୁମାର ପଣ୍ଡା ଓ ସୁଦର୍ଶନ ମହାପାତ୍ର ମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ।

## ଭାଜପାରେ ସାମିଲ ହେଲେ ବିଜେଡି ସମର୍ଥକ

ଉଦଳା, ୧୫।୧୧ (ସନ୍ତୋଷ କୁମାର ବାଛିନୀ)

ବିଜେଡି ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କ ସମେତ ଏକାଧିକ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏନେଇ ଏକ ମିଶ୍ରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନ ମଣ୍ଡଳୀ ଅଧୀନ ଗୋପବନ୍ଧୁନଗର ବ୍ଲକର ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚ ଭୋଳାନାଥ ସିଂ, ନାଏବ ସରପଞ୍ଚ ମୋହନ ସିଂ, ୱାର୍ଡସଭ୍ୟ ଶ୍ରୀକାନ୍ତ ବାରିକ, ନରେନ୍ଦ୍ର ସିଂଙ୍କ ସହିତ ସରପଞ୍ଚଙ୍କ ସମର୍ଥକ ଦୀପକ ସାହୁ, ଚିତ୍ତରଞ୍ଜନ ମଲ୍ଲିକ, ହାଡିବନ୍ଧୁ ସିଂ, ବୈରାଗୀ ସିଂ, ମୋତି ଖାଁ, ସନାତନ ମଲ୍ଲିକଙ୍କ ସମେତ ବହୁ ସମର୍ଥକ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଭାସ୍କର ମଢ଼େଇ, ଭାଜପା ନେତା ବିଭୂତି ଭୂଷଣ ମହାନ୍ତ, ନିହାର ରଞ୍ଜନ ମୋଦୀ, କମଳ କୁମାର ଧଳ, ପ୍ରଭାତ କୁମାର ପରିଡା, ଶରତ ଚନ୍ଦ୍ର ଦାସ, ମମତା ସାହୁ, ପ୍ରାଣକୃଷ୍ଣ ବେରା, ଅବିନାଶ ଶାହା, ବିଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଃଖୀଙ୍କ ବେଦନା ବୁଝିଲେ ଆଇଆଇସି

ଉଦଳା, ୧୫।୧୧ (ସନ୍ତୋଷ କୁମାର ବାଛିନୀ)

ପୋଲିସ ପୋଷାକ ଦେଖିଲେ ସମସ୍ତେ ଛାନିଆ। ପୋଲିସକୁ ସବୁବେଳେ ଅନେକ କଥା କୁହାଯାଏ। ହେଲେ ପୋଲିସ ପୋଷାକ ତଳେ ଥିବା ମଣିଷ ପଣିଆ ଦେଖାଇ ଚର୍ଚ୍ଚାକୁ ଆସିଛନ୍ତି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ। ଶୁକ୍ରବାର ସକାଳେ ଆଇଆଇସି ବାରିକ ଦୁଇ ପୋଲିସ କର୍ମଚାରୀ ଏଏସ୍‌ଆଇ ଲିଟାରାମ ସୋରେନ ଓ ସଞ୍ଜୀବ ଜେନାଙ୍କୁ ସାଙ୍ଗରେ ନେଇ ଉଦଳା ଅଞ୍ଚଳରେ ଥିବା ବିଭିନ୍ନ ମଠ ମନ୍ଦିର ବୁଲିବା ସହିତ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହା ସହିତ ଭୀମତାଳି, ବାଉଁଶପାଳ, ଜଇଦା ଗ୍ରାମରେ ପହଞ୍ଚି ଅସହାୟ ଅବସ୍ଥାରେ ଚିକିତ୍ସା ଅପେକ୍ଷାରେ ଘରେ ପଡି ରହିଥିବା ଲୋକଙ୍କୁ ଭେଟିଥିଲେ। ଏହି ଗ୍ରାମରେ ଥିବା ପ୍ରାୟ ୮ରୁ ଅଧିକ ଲୋକଙ୍କୁ ଭେଟି କମ୍ବଳ ଓ ଖାଦ୍ୟ ବଣ୍ଟନ କରିଛନ୍ତି। ସେମାନଙ୍କୁ କିପରି ସରକାରୀ ଯୋଜନାରେ ସାମିଲ କରାଯାଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରିଛନ୍ତି। ପୋଲିସ ହେଲେ ବି ଆମେ ମଣିଷ। ତେଣୁ ମଣିଷ ହୋଇ ମଣିଷର ବେଦନା ନ ବୁଝି ପାରିଲେ ଜୀବନ ବ୍ୟର୍ଥ ବୋଲି ଆଇଆଇସି ବାରିକ କହିଛନ୍ତି।

## ପିଲାବେଳ କଥା ମନେ ପକାଇଲେ ନନ୍ଦିତା



ଅଭିନେତ୍ରୀ ନନ୍ଦିତା ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ବାରିପଦା, ୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଆରମ୍ଭ ହେଲା ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ଆରମ୍ଭ ହୋଇଛି। ବଲିଉଡ୍ ଅଭିନେତ୍ରୀ, ପ୍ରଯୋଜିକା ତଥା ନିର୍ଦ୍ଦେଶକା ନନ୍ଦିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନନ୍ଦିତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ତାଙ୍କ ସହ ସେଲ୍ଫି ନେବା ପାଇଁ ଲୋକେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ନନ୍ଦିତା ତାଙ୍କ ପିଲାବେଳର କଥା ମନେ ପକେଇବା ସହ ବାରିପଦା ମାଟିର ଏକ ସ୍ୱତନ୍ତ୍ରତା ଅଛି ବୋଲି କହିଥିଲେ।

'ମୟୂରୀ'ର ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଉଦ୍‌ଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, ଆର୍କିଟେକ୍ଟ ମନୋଜ କୁଅଁର, ସଂଗ୍ରାମ କେଶରୀ ଭଞ୍ଜଦେଓ, ନାଟ୍ୟକାର ଧୀର ବସା ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ପୁଷ୍ପା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ

ବାରିପଦା, ୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ସାଇ ବିଦ୍ୟାମନ୍ଦିର ପରିସରରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉତ୍କର୍ଷ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯାଇଥିଲା। ତାଲିମ ପ୍ରଶିକ୍ଷକ ଡା.ଗଜେନ୍ଦ୍ର କୁମାର ନନ୍ଦ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଅବଗତ କରିବା ସହ ପରୀକ୍ଷାମୂଳକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ.ପ୍ରଭଞ୍ଜନ ରାଉତ ଉପସ୍ଥିତ ରହି ଗୁଣାତ୍ମକ ଶିକ୍ଷାର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଆଗାମୀ ଦିନରେ ସାଇ ବିଦ୍ୟାମନ୍ଦିର ପକ୍ଷରୁ ଉତ୍କର୍ଷ ଜରିଆରେ ଜିଲାର କୋଣ ଅନୁକୋଣରେ ଏହାକୁ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ କୁମାର ଖିଲାର, ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ସିଇଓ ପ୍ରତିଚୀ ରଞ୍ଜନ ରାଉତ, ଚିତ୍ତ ରଞ୍ଜନ ରାଉତ, ଚକ୍ରଧର ରାଉତ, ମନୋରଞ୍ଜନ ରାଉତ ଓ କାର୍ଯ୍ୟକ୍ରମ ସଂଚାଳକ ସ୍ୱରୂପ କୁମାର ଶତପଥୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

